# କୃଷି ସୂଚନା ସେବା (ଧାନ)
# କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

## ୨୦୧୫ ମସିହା ଅକ୍ଟୋବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଉଚ୍ଚା ଜମିରେ ମାଟିରେ ଆଦ୍ରତା ଥିବା ଅବସ୍ଥାରେ ଧାନରେ ଫୁଲ ଧରିବାର ଦୁଇ ସପ୍ତାହ ପରେ କୋଳଥ ବୁଣିବା ଆବଶ୍ୟକ ।
- ଡେରିରେ ରୁଆଯାଇଥିବା ଧାନରେ ଲେଡାପୋକ ଏବଂ ନଳୀ ପୋକର ପ୍ରାର୍ଦୁଭାବ ଅଧିକ ଥାଏ ସେମାନଙ୍କୁ ଦମନ କରିବା ପାଇଁ କ୍ଲୋରୋପାଇରିଫସ୍ ୨୦ EC ୩ ମି.ଲି./ଲିଟର ପାଣି କିମ୍ବା ଟ୍ରାଇଜୋଫସ୍ ୨.୫ ମି.ଲି./ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏକ ହେକ୍ଟର ପାଇଁ ୫୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।
- ବର୍ତ୍ତମାନ ସମୟରେ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ବାଦାମୀ ଗୁଣ୍ଡିପୋକ ଏବଂ ଧଳା ପତ୍ରଡିଆଁ ପୋକର ଆର୍ବିଭାବ ହୋଇପାରେ ସେମାନଙ୍କର ଆର୍ଥିକ ଦେହଳୀ ସୀମା ନିମ୍ନରେ ପ୍ରଦାନ କରାଗଲା ।
    - କାଣ୍ଡବିନ୍ଧା ପୋକ- ୧-୨ ଟି ପୂର୍ଣ୍ଣ ପ୍ରଜାପତି କିମ୍ବା ବର୍ଗମିଟର ପ୍ରତି ଗୋଟିଏ ଅଣ୍ଡାପୁଞ୍ଜ
    - (କିମ୍ବା ହେକ୍ଟର ପିଛା ୮ଟି ଯୌନ ସମ୍ବେଦନଶୀଳ ଜନ୍ତା ରଖନ୍ତୁ ଏବଂ ୪-୫ ଟି ପୁରୁଷ ପ୍ରଜାପତି ସଂଖ୍ୟା ହେଲେ)
    - ପତ୍ରମୋଡା ପୋକ- ବୁଦାପ୍ରତି ୧-୨ ଟି ନଷ୍ଟ ହୋଇଥିବା ପତ୍ର
    - ବାଦାମୀ ଗୁଣ୍ଡି ପୋକ- ବୁଦାପ୍ରତି ୫-୧୦ ଟି ପୋକ
    - ଧଳା ପତ୍ରଡିଆଁ ପୋକ- ବୁଦାପ୍ରତି ୫-୧୦ ଟି ପୋକ
    - ଗନ୍ଧିପୋକ- ୨-୪ଟି ପୋକ/ଜାଲି ପିଛା/ବର୍ଗମିଟର

(ବି.ଦ୍ର: ବାଦାମୀ ଗୁଣ୍ଡିପୋକ ଏବଂ ଧଳା ପତ୍ରଡିଆଁ ପୋକର ଆର୍ବିଭାବ ଜାଣିବା ପାଇଁ ଧାନ ଗଛର ମୂଳକୁ ଗୋଟିଏ ବାଡି ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ତଳେଥିବା ପାଣିକୁ ଡେଇଁପଡିବେ । ସେଥିରୁ ତାଙ୍କର ସଂଖ୍ୟା ଜାଣିହେବ )

ଆର୍ଥିକ ଦେହଳୀ ସୀମାରୁ ପୋକର ସଂଖ୍ୟା ଅଧିକ ଥିଲେ ନିମ୍ନଲିଖିତ ପୋକମରା ଔଷଧ ୫୦୦ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ।

- କାଣ୍ଡବିନ୍ଧା ପୋକର ଦମନ ପାଇଁ ରାଇନାକ୍ସିପାର ୨୦ SC ହେକ୍ଟର ପିଛା ୧୫୦ ମି.ଲି. କିମ୍ବା ଟ୍ରାଇଜୋଫସ୍ ୪୦ EC ହେକ୍ଟର ପିଛା ୧୨୫୦ ମି.ଲି. କିମ୍ବା ହେକ୍ଟର ପିଛା ୭୫୦ ଗ୍ରାମ୍ ଏସିଫେଟ୍ ୭୫ SP କିମ୍ବା କ୍ଲୋରୋପାଇରିଫସ୍ ୨୦EC ହେକ୍ଟର ପିଛା ୨୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।
- ପତ୍ରମୋଡା ପୋକ ଦମନ ପାଇଁ ହେକ୍ଟର ପିଛା ୬୨୫ ମି.ଲି. ଟ୍ରାଇଜୋଫସ୍ ୪୦ EC କିମ୍ବା ୧୦୦ ଗ୍ରା./ହେକ୍ଟର ଥାୟୋମିଥୋକ୍ସାମ୍ ୨୫ WG କିମ୍ବା ୫ ମି.ଲି. ନିମତେଲ ସହିତ ଶତକଡା ୨ ଭାଗ ସାବୁନ ପାଣି ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
- ବାଦାମୀ ଗୁଣ୍ଡିପୋକ/ଧଳା ପତ୍ରଡିଆଁ ପୋକ ଦମନ ପାଇଁ ହେକ୍ଟର ପିଛା ଇମିଡାକ୍ଲୋପ୍ରିଡ୍ ୧୭.୮ SL ୧୨୫ ମି.ଲି. କିମ୍ବା ୧୦୦ ଗ୍ରାମ୍ ଥାୟୋମିଥୋକ୍ସାମ୍ ୨୫ WG କିମ୍ବା ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ EC କିମ୍ବା ୫ ମି.ଲି. ନିମତେଲ ସହିତ ଶତକଡା ୨ ଭାଗ ସାବୁନ ପାଣିକୁ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।

- ଗନ୍ଧିପୋକର ଦମନ ପାଇଁ ଇଥୋଫେନୋପ୍ରୋକ୍ସ ୧୦ EC @ ୫୦୦ ମି.ଲି./ହେକ୍ଟର ପିଛା ୫୦୦ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ ୫ ଡି.@ ୨୫ କି.ଗ୍ରା./ହେକ୍ଟର ସକାଳେ ପବନ ନ ହେଉଥିବା ସମୟରେ ପ୍ରୟୋଗ କରନ୍ତୁ।

- ବିଭିନ୍ନ ପ୍ରକାର ରୋଗ ଯଥା ମହିଷା, ପତ୍ରାଚ୍ଛାଦ ପୋଡା, ପତ୍ରପୋଡା, ପତ୍ରଗାର ପୋଡା ଏବଂ ପତ୍ରାଚ୍ଛାଦ ସଢ଼ା ରୋଗ ପାଇଁ ସାବଧାନତା ଅବଲମ୍ବନ କରିବା ଦରକାର ଯଦି ଆବଶ୍ୟକ ପଡେ ସେମାନଙ୍କୁ ଦମନ ପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରନ୍ତୁ।

    - ପତ୍ରପୋଡା/ପତ୍ରଗାର ପୋଡା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ୧ ଗ୍ରାମ୍ ହିସାବରେ ପ୍ଲାଣ୍ଟୋମାଇସିନ୍ ୫୦୦ ଲିଟର ପାଣିର ମିଶାଇ କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୫୦ ମି.ଗ୍ରା. ସହିତ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍/ ଲିଟର ପାଣି ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ ।

    - ମହିଷା ରୋଗ : ଏହାକୁ ଦମନ ପାଇଁ ଏକ ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାରବେନ୍‌ଡାଜିମ୍ ୫୦ WP କିମ୍ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲୋଜୋଲ୍ ମିଶାଇ ସିଞ୍ଚନ କରିବା ଦରକାର। ଏତଦ୍‌ବ୍ୟତୀତ ବେଲପତ୍ର ରସ କିମ୍ବା ତୁଳସୀ ପତ୍ର ରସ ୨୫ ଗ୍ରାମ୍ ପତ୍ର/ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ରୋଗ ଦମନ ହୋଇଥାଏ।

    - ପତ୍ରାଚ୍ଛାଦ ପୋଡା ରୋଗ ଦମନ ପାଇଁ ୧ ଲିଟର ପାଣିରେ ୨ ମିଲି ହିସାବରେ ସିଥ୍‌ମାର୍ ୩ L (ଭାଲିଡାମାଇସିନ୍ ୩L) କିମ୍ବା ହେକ୍ସାକୋନାଜଲ ୫EC ୨ ମି.ଲି./ଲିଟର କିମ୍ବା ଥାଇଫ୍ଲୁଜାମାଇଡ୍ ୨୪ ଏସ୍.ସି. @ ୧ ମି.ଲି./ଲିଟର କିମ୍ବା ବାଭିଷ୍ଟିନ୍ (କାରବେନ୍‌ଡାଜିମ୍ ୫୦ WP) ୨ ଗ୍ରାମ୍/ଲିଟର ବ୍ୟବହାର କରନ୍ତୁ।

    - ପତ୍ରାଚ୍ଛାଦ ସଢ଼ା ରୋଗ ଦମନ ପାଇଁ କାରବେନ୍‌ଡାଜିମ୍ ୫୦ WP (ବାଭିଷ୍ଟିନ୍ ୨ ଗ୍ରାମ୍ / ଲିଟର ପାଣି) କିମ୍ବା ପ୍ରୋପିକୋନାଜଲ୍ ୨୫ EC @ ୧ ମି.ଲି./ଲିଟର ପାଣି କିମ୍ବା ହେକ୍ସାକୋନାଜଲ୍ ୫ EC @ ୧ ମି.ଲି./ଲିଟର ହିସାବରେ ପ୍ରୟୋଗ କରନ୍ତୁ।

    - ସାହାରା ରୋଗ ଦମନ ପାଇଁ କାରବେନ୍‌ଡାଜିମ୍ ୫୦ WP @ ୨ ଗ୍ରାମ୍ / ଲିଟର ପାଣି କିମ୍ବା କାପଟାଫଲ୍ ୨.୫ ଗ୍ରାମ୍/ଲିଟର କିମ୍ବା ମାନକୋଜେବ୍ ୪ ଗ୍ରାମ୍ / ଲିଟର ୭ ଦିନ ଅନ୍ତରରେ ଥୋଡ ବାହାରିବା ସମୟରେ ପ୍ରୟୋଗ କରିବା ଆବଶ୍ୟକ, ଏଥିସହିତ ଦାନା ହୋଇସାରିବା ପରେ ଜମିରୁ ପାଣି କାଟିଦେବା ଦରକାର।

- ସର୍ବଦା ମନେରଖିବା ଉଚିତ୍ ଯେ ପାଗ ପରିଷ୍କାର ଥିବା ସମୟରେ ଔଷଧ ପ୍ରୟୋଗ କରିବେ।

- କେନ୍ଦ୍ର ସରକାର ୨୦୧୫ ମସିହା ଅକ୍ଟୋବର ମାସ ୧ ତାରିଖରୁ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ୍ ପିଛା ସାଧାରଣ ଧାନ ପାଇଁ (FAQ) ୧୪୧୦ ଟଙ୍କା ଏବଂ କ ବିଭାଗର ଧାନ ପାଇଁ ୧୪୫୦ ଟଙ୍କା ସ୍ଥିର କରିଛନ୍ତି।

*****